ଅଧା ଫୁଲ୍

# ବିପଦରେ ବଦଲିପୁର



କାହାଣୀ-୫



- ନାମ – ପୁଷ୍ପା
- ବୟସ-୧୬ ବର୍ଷ
- ଗ୍ରେଡ଼-ଏକାଦଶ
- ସଦ୍‌ଗୁଣ –ଉତ୍ସାହିତ ଓ ସମ୍ବେଦନଶୀଳ
- ବିଶେଷ କରି ଉଭୟ ଗୁଣର ଅଧିକାରୀ ପୁଷ୍ପା ପାଇଁ କୌଣସି ଜିନିଷ ଅସମ୍ଭବ ନୁହେଁ ।

ପୁଷ୍ପା

# ବଦଳିପୁରର ଅଧାଫୁଲ୍ ଦଳ



- ନାମ - ଆଦିତ୍ୟ
- ବୟସ-୧୫ ବର୍ଷ
- ଗ୍ରେଡ୍-୭ମ ଶ୍ରେଣୀପରେ ସ୍କୁଲ ଡ୍ରପ୍ ଆଉଟ୍
- ସଦ୍‌ଗୁଣ- ବୁଦ୍ଧିର ଗ୍ରନ୍ଥାଘର
- ବୁଦ୍ଧି ଆଦିତ୍ୟ ପାଖରେ ଗଚ୍ଛିତ ।

ଆଦିତ୍ୟ



- ନାମ – ତାରା
- ବୟସ-୧୨ ବର୍ଷ
- ଗ୍ରେଡ଼-୭ମ ଶ୍ରେଣୀ
- ସଦ୍‌ଗୁଣ- ଜୀବନ୍ତ ଜ୍ଞାନକୋଷ ତାରା
- କେବେ ବି ମିଛ କହେ ନାହିଁ ।

ତାରା

ବଦଳିପୁରର ଅଧାଫୁଲ୍ ଦଳ । ଏମାନେ ତିନିଜଣ ବଦଳିପୁରରେ ବାସ କରନ୍ତି ଓ ଏମାନେ ଗୁଇନ୍ଦା ଖେଳ ଖେଳିବାକୁ ଭଲ ପାଆନ୍ତି । ଯେତେବେଳେ ବଦଳିପୁରରେ କିଛି ଘଟଣା ଘଟେ, ଏମାନେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚନ୍ତି ଓ ଏକାଠି ସମସ୍ୟାର ସମାଧାନ କରନ୍ତି । ସମସ୍ତେ ଏମାନଙ୍କୁ 'ଅଧାଫୁଲ୍ ଦଳ' ଭାବରେ ଜାଣନ୍ତି ।


ପୁଷ୍ପା ତୁମ ପାଇଁ ଚିଠି ଅଛି ।
ମୋ ପାଇଁ ଚିଠି ?
ଦେଖିବା
ଯଦି ପାରିବ ବଦଲିପୁରକୁ ବଞ୍ଚାଅ । ଆଜି ୫ଟା ବେଳେ ଏହା ଭାସିଯିବ ।
ବଦଲିପୁରରେ କ'ଣ ହେବାକୁ ଯାଉଛି ? ଅଧାଫୁଲ୍ ଦଳଙ୍କ ପାଇଁ ଏକ ନୂଆ ଘଟଣା ।


ପୁଷ୍ପା ତାରା ପାଖକୁ ଯାଇ ଚିଠିରେ ଥିବା ସମସ୍ତ ବିଷୟ କହିଲା




ଉଭୟ ଆଦିତ୍ୟ ଘରେ ପହଞ୍ଚିଲେ । ଆଦିତ୍ୟ ଗୋଟିଏ କୋଣରେ ଦୁଃଖରେ ବସିଥିଲା ।







କାହିଁକି ଏପରି କହୁଛ ?
କିଏ କ'ଣ କହିଲା କି ? ମତେ ସବୁକଥା କୁହ ।
ମୁଁ ଭାବୁଥିଲି ମୋ ଯୁବକ ଅବସ୍ଥାରେ ତୁମ ଭଳି ମୋ ଶରୀର ହୋଇଥାନ୍ତା କି ! ତୁମେ ପୁରା ଏକ ବଲିଉଡ୍ ହୀରୋ ଭଳି ଦେଖା ଯାଉଛ । ଯଦି ମୁଁ ତୁମ ପରି ଦେଖାଯାଇଥାନ୍ତି ତେବେ ମୋ ସ୍କୁଲରେ ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଥାନ୍ତି ।
ମୁଁ ଗତକାଲି ଜୟନ୍ତ ଘରକୁ ଯାଇଥିଲି । ସେଠାରେ ତାଙ୍କ ମଉସା ତାକୁ କହୁଥିଲେ, "ଜୟନ୍ତ ତୁମେ ଦେଖିବାକୁ ଖୁବ୍ ଭଲ, ତୁମର ଏକ ଖେଳାଳୀର ଶରୀର ରହିଛି । ପ୍ରତିଦିନ କେତେ ସମୟ ବ୍ୟାୟାମ କର ?"


ସେ ମୋ ପ୍ରତି ଜମାରୁ ଦୃଷ୍ଟି ଦେଲେ ନାହିଁ । ସେ ମତେ ଅଣଦେଖା କଲେ । ମୁଁ ଭଲ ଦେଖାଯାଏ ନାହିଁ ? ସେ ମୋର ପ୍ରଶଂସା କଲେନାହିଁ । ବର୍ତ୍ତମାନ ମୁଁ ମୋ ଚେହେରାର ଯତ୍ନ ନେବି । ମୁଁ ନିୟମିତ ବ୍ୟାୟାମ କରୁଛି । ମୁଁ ଭଲ ଦେଖାଯିବା ପାଇଁ କ'ଣ ପ୍ରତିବନ୍ଧକ ଅଛି ଦେଖିବା ।
ଆଦିତ୍ୟ, ଶାରୀରିକ ଗଠନ ନେଇ କଥା ହେବା ଏକ ସାଧାରଣ କଥା ଏବଂ ଲୋକମାନେ ଚିନ୍ତା ନ କରି ଏ ବିଷୟରେ କହିଥାନ୍ତି । ଯେତେବେଳେ ଆମେ ଚେହେରା ବିଷୟରେ ଭଲ କିମ୍ବା ଖରାପ ମନ୍ତବ୍ୟ ଦେଇଥାଉ ତାହା କେବଳ ଶାରୀରିକ ରୂପ ସମ୍ବନ୍ଧୀୟ ହୋଇଥାଏ ।
ଶରୀର ସମ୍ବନ୍ଧରେ କଥା ହେବା କେତେ କ୍ଷତିକାରକ ତୁମେ ଦେଖୁଛ ତ ? ଜୟନ୍ତର ଘଟଣାକୁ ଦେଖ । ତାଙ୍କ ମଉସା ତାଙ୍କର ପ୍ରଶଂସା କଲେ ସେଥିପାଇଁ ସେ ଅଧିକ ସମୟ ବ୍ୟାୟାମ କରିବାକୁ ଲାଗିଲେ ଓ ଅନେକ ସମୟ ନଷ୍ଟ କଲେ । ଅପରପକ୍ଷରେ ଜୟନ୍ତଙ୍କ ମଉସା ତୁମର ପ୍ରଶଂସା କଲେନାହିଁ ତେଣୁ ଚେହେରା ପାଇଁ ତୁମେ ଦୁଃଖ ଓ ବିରକ୍ତିରେ ରହିଲ । ଛାଡ଼, ବର୍ତ୍ତମାନ ଚେହେରା ଛଡ଼ା ଆମ ପାଖରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାମ ରହିଛି । ଆମର ପରବର୍ତ୍ତୀ ଘଟଣା
ପରବର୍ତ୍ତୀ ଘଟଣା ?



ହଁ, ବଦଳିପୁର ଭାସିଯିବ ।
ବଦଳିପୁର ଭାସିଯିବ ?
ହଁ ଏହା ଏହି ଚିଠିରେ ଅଛି ।
କିନ୍ତୁ କେମିତି ?
ବଦଳିପୁର ବାହାରେ ଏକ ପୁରୁଣା ବନ୍ଧ ଅଛି । ମୁଁ ଭାବୁଛି ଏ ଚିଠିରେ ତା ସମ୍ବନ୍ଧରେ କୁହାଯାଇଛି ।
ହଁ, ତୁମେ ଠିକ୍ ହୋଇପାର । ବୋଧହୁଏ ଆମକୁ ଏକ ହାତୀ ଦରକାର ହୋଇପାରେ । ଆଦିତ୍ୟ ଜୟନ୍ତ ପାଖକୁ ଯାଇ ତାଙ୍କ ହାତୀକୁ ଆଣ ।
ମୁଁ ତାଙ୍କ ପାଖକୁ ଯିବି ନାହିଁ ।





ତା ପରେ ପୁଷ୍ପା ଓ ତାରା ବନ୍ଧ ପାଖକୁ ଦୌଡ଼ି ଦୌଡ଼ି ଗଲେ । ଦେଖିଲେ ବନ୍ଧରେ ଏକ ଫାଟ ସୃଷ୍ଟି ହୋଇଛି ଓ ତା ମଧ୍ୟ ଦେଇ ପାଣି ବାହାରି ଆସୁଛି ।




ଆଦିତ୍ୟ ଜୟନ୍ତ ଘରକୁ ଗଲା ।









ଆଦିତ୍ୟ ହାତୀକୁ ଖୋଲି ନିଜ ସାଙ୍ଗରେ ନେଇଗଲା ।




ଆଦିତ୍ୟ ବନ୍ଧ ପାଖରେ ପହଞ୍ଚିଲା ।




ଅଧାଫୁଲ୍ ଦଳ  ଏଠାରେ ଅଛନ୍ତି ତେଣୁ ଏହା ନିଶ୍ଚିତ ଭାବରେ ମରାମତି ହେବ । ଦେଖ, ଆଦିତ୍ୟ ଏଠାରେ ।
ତୁମେ ଏକା କାହିଁକି ? ଜୟନ୍ତ କୁଆଡ଼େ ଗଲେ ?
ଜୟନ୍ତଙ୍କ ମଉସା ତାଙ୍କ ଶରୀର ବିଷୟରେ କହିବା ପରେ ସେ ତାଙ୍କ ଚେହେରାକୁ ନେଇ ଚିନ୍ତାଗ୍ରସ୍ତ ଅଛନ୍ତି । ବର୍ତ୍ତମାନ ସୁନ୍ଦର ଦେଖାଯିବା ଛଡ଼ା ଅନ୍ୟ କୌଣସି ଜିନିଷ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ।
ପାଣିର ସ୍ରୋତ ଲଗାତର ବଢ଼ିବାରେ ଲାଗିଛି ।
ଆଦିତ୍ୟ ହାତୀକୁ କଣା ପାଖରେ ଛିଡ଼ା କର, ବୋଧହୁଏ ପାଣି ବୋହିବା ବନ୍ଦ ହୋଇପାରେ ।

ଆଦିତ୍ୟ କଣା ପାଖରେ ହାତୀକୁ ଛିଡ଼ା କରାଇଦେଲା ।







କିଛି ସମୟ ପରେ ମୁଖିଆ ଆସିଲେ ଓ ବନ୍ଧର ଭାଙ୍ଗିଯାଇଥିବା ସ୍ଥାନକୁ ମରାମତି କରାଇଲେ ।
ଯଦି ତୁମେମାନେ ସଠିକ ସମୟରେ ହାତୀକୁ ଆଣି ନଥାନ୍ତ ତେବେ ବନ୍ଧ ଭାଙ୍ଗି ଯାଇଥାନ୍ତା । ପିଲାମାନେ ଉତ୍ତମ କାର୍ଯ୍ୟ କରିଛ ।

ତା'ପରଦିନ ଖବରକାଗଜରେ ଅଧାଫୁଲ୍ ଦଳ ଓ ହାତୀର ଫଟୋ ବାହାରିଥିଲା ।




ଅଧାଫୁଲ୍ ଦଳ ଜୟନ୍ତ ଘରକୁ ତାକୁ ଧନ୍ୟବାଦ ଦେବାକୁ ଗଲେ ।




ଏ ହେଉଛି ବଦଳିପୁରର ହିରୋ ମୁଁ ନୁହେଁ ।
ମଉସା ଦୟାକରି ଅନ୍ୟର ଚେହେରା ଉପରେ ଟିପପ୍ପଣୀ ଦିଅନ୍ତୁ ନାହିଁ । ଭଲ କି ଖରାପ କିଛି ବି ନୁହେଁ । ଏଭଳି ଟିପପ୍ପଣୀ  ଶୁଣିବା ପରେ ଲୋକମାନଙ୍କ ମନ କେବଳ ନିଜ ଚେହେରା ଉପରେ କେନ୍ଦ୍ରିତ ହେଉଛି ଅନ୍ୟ କୌଣସି କାମରେ ନୁହେଁ । ଯାହା ଜୟନ୍ତ କ୍ଷେତ୍ରରେ ହେଲା । ସମାନ ଭାବରେ ଆଦିତ୍ୟ ନିଜ ଚେହେରାକୁ ନେଇ ବ୍ୟସ୍ତ ଓ ଦୁଃଖୀ ହେବା ଆରମ୍ଭ କରିଦେଲେ । ବର୍ତ୍ତମାନ ଆପଣ ଶରୀରର ଗଠନ ବିଷୟରେ କଥା ହେବା କେତେ କ୍ଷତିକାରକ ତାହା ଜାଣିଲେ । ଆପଣ ପ୍ରତିଜ୍ଞା କରନ୍ତୁ କେବେ ବି କାହାର ଶରୀର ଗଠନକୁ ନେଇ ଆପଣ କଥା ହେବେ ନାହିଁ ।




ହାତୀ ତିନିଜଣଙ୍କୁ ପିଠିରେ ବସାଇଲା ଓ ଶୁଣ୍ଢ ଟେକି ଖୁସିରେ ଉଚ୍ଚ ସ୍ୱରରେ ଧ୍ୱନି କଲା ।





## କାହାଣୀର ନୀତିଶିକ୍ଷା

### ଏହି କାହାଣୀରୁ କ'ଣ ଶିଖିଲ ?

ଲୋକମାନେ କିଛି ଚିନ୍ତା ନ କରି ଶାରୀରିକ ରୂପକୁ ନେଇ ଚର୍ଚ୍ଚା କରନ୍ତି କାରଣ ଆମ ସମାଜରେ ଏହା ଏକ ସାଧାରଣ କଥା । ଏହା ପଛରେ କାରଣ ହେଉଛି ଲୋକମାନେ ଏକ ଆଦର୍ଶ ଚେହେରା ପାଇବା ପାଇଁ ଚାପରେ ଟିଭି ଓ ବିଜ୍ଞାପନ ଦେଖନ୍ତି । ଶାରୀରିକ ରୂପ ସହିତ ଜଡ଼ିତ ଜିନିଷ ବିଷୟରେ କଥାବାର୍ତ୍ତା କରିବାକୁ ଶରୀର କଥା କୁହାଯାଏ । ଏହିପରି କଥା ସକାରାତ୍ମକ (ତୁମେ ଦେଖିବାକୁ ଖୁବ୍ ସୁନ୍ଦର, ତୁମେ ଓଜନ କମାଇଛ କି) କିମ୍ୱା ନକରାତ୍ମକ (ଉଦାହରଣ- ମୁଁ ଆଶା କରୁଛି ମୋର ଏକ ବଳଶାଳୀ ଶରୀର ଥାନ୍ତା) ଏଭଳି ଶରୀର ଓ ରୂପ ସମ୍ବନ୍ଧୀୟ କଥା ତୁମ ବିଷୟରେ, ତୁମ ସାଙ୍ଗ କିମ୍ୱା କୌଣସି ଫିଲ୍ମ ଅଭିନେତା /ଅଭିନେତ୍ରୀଙ୍କ ସମ୍ବନ୍ଧରେ ହୋଇପାରେ ।

ଅନେକ ଲୋକ ଭଲ ଉଦ୍ଦେଶ୍ୟ ରଖି ଶରୀର ସମ୍ବନ୍ଧରେ ଚର୍ଚ୍ଚା କରନ୍ତି । କିନ୍ତୁ ଏପରି କଥା ସମସ୍ତଙ୍କ ପାଇଁ କ୍ଷତିକାରକ, ଓ ଏକ ଆଦର୍ଶ ଚେହେରା ପାଇବା ପାଇଁ ଏହା ଚାପକୁ ପ୍ରୋତ୍ସାହିତ କରେ । ଏଭଳି କଥା ଲୋକମାନଙ୍କ ସଦ୍‌ଗୁଣ ଓ ଆଦର୍ଶରୁ ବିଚ୍ୟୁତ କରେ । ଶରୀର ରୂପ ସମ୍ବନ୍ଧୀୟ କଥା, ଯେଉଁମାନଙ୍କ ପ୍ରଶଂସା କରାଯାଏ କେବଳ ସେମାନଙ୍କର କ୍ଷତି କରିନଥାଏ ବରଂ ତାଙ୍କ ଚାରିପଟେ ଥିବା ଲୋକଙ୍କର ବି କ୍ଷତି କରିଥାଏ । ଉଦାହରଣ ସ୍ୱରୂପ- ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ପାଖରେ କିଛି ଅଭାବ ଅଛି । ଯାହାପାଇଁ ସେମାନେ ତାଙ୍କର ସମସ୍ତ ସମୟ ଚେହେରାକୁ ନେଇ ବ୍ୟସ୍ତତାରେ କଟାନ୍ତି ।

ଯେତେବେଳେ ଲୋକମାନେ ବାରମ୍ୱାର ଶରୀର ସମ୍ବନ୍ଧୀୟ ଚର୍ଚ୍ଚାରେ ଜଡ଼ିତ ରୁହନ୍ତି, ଏହା ବନ୍ଦ କରିବା ଓ ଯେଉଁମାନେ ଏହା କରନ୍ତି ସେମାନଙ୍କୁ ଚ୍ୟାଲେଞ୍ଜ୍ କରିବା ଆବଶ୍ୟକ । ଯେତେବେଳେ ଜଣେ ଶରୀରର ରୂପ ସମ୍ବନ୍ଧରେ ଚର୍ଚ୍ଚା କରନ୍ତି, ଆମେ ଲୋକମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବା ଉଚିତ୍ ଯେ ଏହା କ୍ଷତିକାରକ ଏବଂ ବିଷୟ ବସ୍ତୁ ପରିବର୍ତ୍ତନ କରି କଥାବାର୍ତ୍ତାକୁ ଗୁଣ ସମ୍ବନ୍ଧରେ କରିବାକୁ ଚେଷ୍ଟା କରିବା ।

# ନିଶ୍ଚିତ ଖେଳ

କିଛି ସମୟ ନେଇ ଚିନ୍ତାକର ଏହି କାହାଣୀରୁ ତୁମେ କ'ଣ ଶିଖିଲ ।

**ବର୍ତ୍ତମାନ କଳ୍ପନା କର ତୁମକୁ ଜଣେ କହିଲେ**

**ମୁଁ ବହୁତ ମୋଟା ଦେଖାଯାଉଛି**

**ତଳେ ଦିଆଯାଇଥିବା ପ୍ରସଙ୍ଗକୁ ପଢ଼ ଓ କେଉଁ ବାକ୍ୟ ଉପଯୁକ୍ତ ପ୍ରତିକ୍ରିୟା ହୋଇପାରେ, ଉପଯୁକ୍ତ ପ୍ରତିକ୍ରିୟା ପାଖରେ 'ହଁ' ଲେଖ ଅନୁପଯୁକ୍ତ ପାଖରେ 'ନା' ଲେଖ ।**

କିନ୍ତୁ ଅନ୍ତତଃ ପକ୍ଷେ ତୁମର ଚର୍ମ ପରିଷ୍କାର ଓ ସୁନ୍ଦର ଅଟେ ।


ଆଦର୍ଶ ଚେହେରା ପାଇବା ପାଇଁ ଚାପ ଅନୁଭବ କରନାହିଁ ।
ମନେରଖ ଆମେ ପତ୍ରିକାରେ ଦେଖୁଥିବା ଅଭିନେତାଙ୍କ ଫଟୋ ବାସ୍ତବ ନୁହେଁ ।

ହଁ, ମୁଁ ବହୁତ ମୋଟା ଦେଖାଯାଉଛି , ଆମେ ବ୍ୟାୟାମ କରିବା ଉଚିତ୍ ।

ଚେହେରା ସମ୍ବନ୍ଧରେ କଥା ହେବା ବିରକ୍ତିକର ଓ ସମୟ ନଷ୍ଟ,
ଚାଲ ଆମେ ସ୍କୁଲ ପରେ କଣ କରିବା ସେ ବିଷୟରେ କଥା ହେବା ।

ତୁମେ ମୋଟା ଦେଖା ଯାଉ ନାହଁ, ତୁମେ ବହୁତ ଓଜନ ହରାଇଛ,
ତୁମେ ଆମ ପ୍ରିୟ ଅଭିନେତ୍ରୀଙ୍କ ପରି ଦେଖାଯାଉଛ ।

ଏପରି କୁହନାହିଁ, ତୁମର ଅନେକ ଭଲ ଗୁଣ ଅଛି,
ଯାହା ତୁମ ରୂପଠାରୁ ଅନେକ ଅନନ୍ୟ ଓ ସୁନ୍ଦର କରେ ।



# ଯଦି ତୁମେ ଚାହଁ ଏହାକୁ
# ମଧ୍ୟ ଖେଳିପାର



**ତଳେ ଆମେ ଗୁଣର ଏକ ତାଲିକା ଦେଇଛୁ । ଭାବ ଯେ ଜଣେ ବ୍ୟକ୍ତି ତମ ପାଖରେ ବସିଛନ୍ତି । ବର୍ତ୍ତମାନ ତଳେ ଦିଆଯାଇଥିବା ଗୁଣ ମାନଙ୍କ ମଧ୍ୟରୁ ତାଙ୍କ ପାଇଁ ଉପଯୁକ୍ତ ଗୁଣ ବାଛ, ତା ପରେ ତାଙ୍କୁ କୁହ ଯେ କାହିଁକି ଏ ଗୁଣ ତୁମେ ତାଙ୍କ ପାଇଁ ବାଛିଛ**

ଉଦାହରଣ ସ୍ୱରୂପ- ତୁମେ ବହୁତ ଦୟାଳୁ କାରଣ ଆପଣ ମୋତେ ଆପଣଙ୍କ ଖାଦ୍ୟ ଦେଇଛନ୍ତି ।


ଏଠାରେ କିଛି ଗୁଣର ତାଲିକା ରହିଛି

| |
|---|
| ଖୁସି |
| ବୁଦ୍ଧିମାନ |
| ସାହାସୀ |
| ଉତ୍ସାହୀ |
| ବିଶ୍ୱାସୀ |
| ଉତ୍ତମ ଶ୍ରୋତା |
| ଧୈର୍ଯ୍ୟ |

ପରବର୍ତ୍ତୀ ସମୟରେ ଯେତେବେଳେ କୌଣସି ବ୍ୟକ୍ତିକୁ ଭେଟିବ ତାଙ୍କୁ ତାଙ୍କ ଚେହେରା ବିଷୟରେ କହିବା ପରିବର୍ତ୍ତେ ତାଙ୍କ ଗୁଣ ପାଇଁ ପ୍ରଶଂସା କର ।



ଅଧାଫୁଲ୍ ଦଳଙ୍କ ର ଆହୁରି ଅନେକ ରୋମାଞ୍ଚଭରା କାହାଣୀ ରହିଛି ।
ଗୋଟିଏ ବି ବାଦ୍ ନ ଦେଇ ସବୁ ଗୁଡ଼ିକ ପଢ଼ ।

















ପ୍ରସ୍ତୁତି ବିବିସି ମିଡିଆ ଆକ୍ସନ
ସହାୟତା-ୟୁନିସେଫ୍, ଡୋଭ୍ ଓ ସେଣ୍ଟର ଫର୍ ଆପିୟରାନ୍ସ ରିସର୍ଚ୍ଚ